## ରେଳ ଘରୋଇକରଣକୁ ବିରୋଧ

ଜୟପୁର,(ନି.ପ୍ର.)-କେନ୍ଦ୍ର ସରକାରଙ୍କ ରେଳ ଘରୋଇକରଣକୁ ବିରୋଧ କରିଛି ଓଡ଼ିଶା ମଞ୍ଚ କୋରାପୁଟ ଜିଲା ଶାଖା। ମଞ୍ଚ ପକ୍ଷରୁ ଗୁରୁବାର ଜୟପୁର ରେଳଷ୍ଟେଶନଠାରେ ବିକ୍ଷୋଭ କରାଯାଇ ଷ୍ଟେଶନମାଷ୍ଟରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରେଳ ଯୋଗାଯୋଗ ଦେଶର ଅର୍ଥନୀତିର ମୂଳଦୁଆ। ଏହାର ଘରୋଇକରଣ ହେଲେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ବିଶେଷଭାବେ ପ୍ରଭାବିତ ହେବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଘରୋଇକରଣ ଫାଇଦା ଧନୀ ଉଦ୍ୟୋଗପତି ଓ ବହୁ ରାଷ୍ଟ୍ରୀୟ କମ୍ପାନୀ ନେବେ ବୋଲି ପ୍ରକାଶ କରି ମଞ୍ଚର କର୍ମକର୍ତ୍ତାମାନେ ପ୍ଲାଟଫର୍ମ ଟିକେଟ ୧୦ ଟଙ୍କାରୁ ୫୦ ଟଙ୍କାକୁ ହୋଇଥିବା ବୃଦ୍ଧିକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ବିକ୍ଷୋଭରେ କାହ୍ନୁ ବିଶ୍ୱାଳ, ସୂର୍ଯ୍ୟନାରାୟଣ ବିଷୋୟୀ, ସୁବାସ ଭଟ୍ଟାଚାର୍ଯ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

ଟିକିରି/ରାୟଗଡ଼ା ଅଫିସ,୫।୧୧- ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ଶିଲା ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିଳାଗାଁର ମୂଷା ଝଡ଼ିଆ(୪୫)। ଅପରାହ୍ନରେ ମୂଷା ଶୌଚ ପାଇଁ ଗାଁ ନିକଟ ନାଳକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ହରିଜନସାହିଠାରେ ପ୍ରବଳ ବର୍ଷା ସହ ହଠାତ୍ ବଜ୍ରପାତ ଯୋଗୁ ସେ ଟଳିପଡ଼ିଥିଲେ। ଖବର ପାଇ କାଶୀପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

କୁନ୍ଦୁରା,୫।୧୧(ଡି.ଏନ.ଏ.)-ଗଞ୍ଜେଇ ଚୋରାଚାଲାଣ ବେଳେ ବୁଧବାର ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡିଛନ୍ତି ଜଣେ ଯୁବକ। ତାଙ୍କ ନାମ ଦୟାଲୁ ନାୟକ। ଘର ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମରେ। ଏକ ନମ୍ବରବିହୀନ ବାଇକ୍‌ରେ ସେ ରାମଗିରିଠାରୁ ଗଞ୍ଜେଇ ଆଣି ଜଗଦଲପୁର ଚାଲାଣ କରୁଥିବା ବେଳେ କୁନ୍ଦୁରା ବ୍ଲକ ଘିଉରିଆଗୁଡା ଛକ ନିକଟରେ ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ୨୫ କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ତାଙ୍କ ସହ ଥିବା ଅନ୍ୟ ଜଣେ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ଦୟାଲୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

କୋରୁକୋଣ୍ଡା, ୫।୧୧(ଡି. ଏନ.ଏ.)- ମାଲକାନଗିରି ଜିଲା ଓର୍କେଲ ଥାନା ଅନ୍ତର୍ଗତ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଖୈରଗୁଡ଼ା ନିକଟରେ ବୁଧବାର ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଅଜୟ ଦାସ, ଘର ଛତିଶଗଡର ଜଗଦଲପୁରରେ ବୋଲି ଜଣାପଡିଛି। ଏଥିରେ ସୋମନାଥପୁର ପଞ୍ଚାୟତ ହାତୀଆମ୍ବ ଗ୍ରାମର ଡମୁ ଚଲାଣ ଗୁରୁତର ହୋଇଛନ୍ତି।

### ନଦୀରୁ ମୃତଦେହ ଉଦ୍ଧାର

କୋରୁକୋଣ୍ଡା,୫।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମ୍‌ଭି-୫୦ ଗ୍ରାମର ଗୋଲକ ମଣ୍ଡଳ (୪୫)ଙ୍କ ମୃତଦେହ ଗୁରୁବାର ନଦୀରୁ ଉଦ୍ଧାର ହୋଇଛି। ବୁଧବାର ସେ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ପରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ଗୁରୁବାର ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଏନେଇ ମାଲକାନଗିରି ଥାନାରେ ୪୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରାମ ପ୍ରସାଦ ନାଗ କହିଛନ୍ତି ।

### ବାଲି ଚାଲାଣ:୪୫ ହଜାର ଜରିମାନା

ପାପଡାହାଣ୍ଡି,୫।୧୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ତହସିଲଦାର ପ୍ରେମଲାଲ ହିଆଲ ଚାଲାଣବେଳେ ୩ ବାଲି ବୋଝେଇ ଟିପରରୁ ୧୫ହଜାର ଟଙ୍କ ଲେଖାଏ ଜରିମାନା ଆଦାୟ କରିଛନ୍ତି। ଏହାପରେ ଗାଡିଗୁଡ଼ିକୁ ଛଡାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, (ଓଡ଼ି-୧୦ସି-୦୮୯୦) (ଓଡ଼ି-୨୪ଏ -୬୧୨୮) ଓ (ଓଡ଼ି-୧୦ପି-୧୬୮୩)ରୁ ଜରିମାନା ଆଦାୟ କରାଯାଇଛି।

### ବିଦ୍ୟୁତ୍ ତାର ନେଲା ବୃଦ୍ଧଙ୍କ ଜୀବନ

ଚିତ୍ରକୋଣ୍ଡା,୫।୧୧(ଡି.ଏନ.ଏ.)-୧୧ କେଭି ବିଦ୍ୟୁତ୍ ଆଘାତରେ ବୁଧବାର ଚିତ୍ରକୋଣ୍ଡା ପଞ୍ଚାୟତ ଆର୍‌ଏସ୍‌ସିର-୧୬ ଗ୍ରାମର ଲକମି ଖରା(୬୦)ଙ୍କ ମୃତ୍ୟୁ ହୋଇଛି। ସେ ନିଜ ଜମିରୁ କାଠ ସଂଗ୍ରହକରି ଘରକୁ ଯାଉଥିବା ବେଳେ ସେ ନେଉଥିବା କାଠ ସେଠାରେ ଅଳ୍ପ ଉଚ୍ଚରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ସାଉଥ୍‌କୋର କେତେଜଣ କର୍ମଚାରୀ ଖବର ପାଇ ସେଠାରେ ପହଞ୍ଚି ଲକମିଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ବାଲ୍ୟବିବାହ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ

ଏମ୍‌ଭି-୭୯,୫।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୯ଠାରେ ଗୁରୁବାର ଶିଶୁ କଲ୍ୟାଣ କମିଟି ପକ୍ଷରୁ ବାଲ୍ୟବିବାହ ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲ୍ୟବିବାହକୁ ଉତ୍ସାହିତ ନ କରିବା ଲାଗି ଗ୍ରାମବାସୀ ଶପଥପାଠ କରିଥିଲେ। ତଣ୍ଡାବାଇ ପଞ୍ଚାୟତର ସୁପରଭାଇଜର ସରୋଜିନୀ ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମ ଅବସରରେ ଗ୍ରାମ ମୁଖିଆ ପରିତୋଷ ସରକାର, ଶମ୍ଭୁ ବାକ୍ଚି ,ଦୀପକ ଦତ୍ତ, ସୁଜୟ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାର ବିକାଶ ନେଇ ପ୍ରସ୍ତାବିତ ବଜେଟ ପାରିତ

କୋରାପୁଟ,୫।୧୧(ସ୍ୱ.ପ୍ର.)


ଜିଲା ଯୋଜନା କମିଟି ବୈଠକରେ ଏମ୍‌ପି, ମନ୍ତ୍ରୀ,ବିଧାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କୋରାପୁଟ ଜିଲା ଯୋଜନା କମିଟିର ବୈଠକ ଗୁରୁବାର ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ରଘୁରାମ ପୋଡାଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ଜିଲାପାଳ ମଧୁସୂଦନ ମିଶ୍ର,କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାନି, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ପାତ୍ର, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଉପାଧ୍ୟକ୍ଷ ନାରସୁଲୁ କାମୁଡି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିକାଶ ଲାଗି ୨୦୨୦-୨୧ ବର୍ଷ ପାଇଁ ୧୨୩୩୪୫.୬୩ ଲକ୍ଷ ଟଙ୍କାର ପ୍ରସ୍ତାବିତ ବଜେଟ ଉପରେ ବୈଠକରେ ଆଲୋଚନା ହୋଇଥିଲା । କୃଷି ବିକାଶ ନିମନ୍ତେ ୭୦୪୪.୧୦୦ ଲକ୍ଷ, ଗ୍ରାମୀଣ ବିକାଶ ପାଇଁ ୩୮୯୭୩.୪୯୦ ଲକ୍ଷ, ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ଲାଗି ୩୧୦୮.୯୭୩ଲକ୍ଷ, ଜଳସେଚନ ଓ ବନ୍ୟା ମୁକାବିଲା ପାଇଁ ୮୧୨.୧୧୦ ଲକ୍ଷ , ବିଦ୍ୟୁତ୍‌କରଣ ୭୦୦.୦୦୦ ଲକ୍ଷ, ଶିଳ୍ପ ଓ ଖଣି ପାଇଁ ୨୦୨.୦୦୦ ଲକ୍ଷ, ପରିବହନ ୬୫୯୦.୧୧୦ ଲକ୍ଷ, ବିଜ୍ଞାନ କାରିଗରି ୨୨୨.୧୩୦ ଲକ୍ଷ, ସାଧାରଣ ଅର୍ଥନୈତିକ କାର୍ଯ୍ୟ ନେଇ ୨୧୦୫୩.୫୯୦ ଲକ୍ଷ ଏବଂ ସାମଜିକ କାର୍ଯ୍ୟକ୍ରମ ନିମନ୍ତେ ୫୪୬୩୯.୧୨୯ ଲକ୍ଷ ଟଙ୍କାର ବଜେଟ ଉପସ୍ଥାପନା କରାଯାଇଥିଲା। ସେହିପରି ଟ୍ରାଇବାଲ ସବ ପ୍ଲାନ ଲାଗି ୬୨୯୦୬.୨୭ ଲକ୍ଷ

**ଜିଲା ଯୋଜନା କମିଟି ବୈଠକ**

ଟଙ୍କା, ସିଡୁଲ କାଷ୍ଟ ସବ ପ୍ଲାନ ପାଇଁ ୧୬୦୩୪.୯୩ ଲକ୍ଷ ଟଙ୍କା ଓ ଜେଣ୍ଡର ସବ୍ ପ୍ଲାନ ନେଇ ୪୩୧୭୦.୯୭ ଲକ୍ଷ ଟଙ୍କା ବଜେଟ୍‌ରେ ରଖାଯାଇଛି। ସର୍ବସମ୍ମତି କ୍ରମେ ବୈଠକରେ ବଜେଟ୍ ପାରିତ ହୋଇଥିଲା। ଏହା ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଜିଲା ଯୋଜନା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଜିଲା ଯୋଜନା କମିଟି ବୈଠକରେ ୯୩୧୬୨.୬୩ ଲକ୍ଷ ଟଙ୍କା, ୨୦୧୮-୧୯ରେ ୯୩୩୨୪.୭୨ ଲକ୍ଷ ଓ ୨୦୧୯-୨୦ରେ ୧୬୦୪୬୭.୫୬ ଲକ୍ଷ ଟଙ୍କାର ବଜେଟ୍ ଜିଲା ଯୋଜନା କମିଟି ବୈଠକରେ ଅନୁମୋଦନ କରାଯାଇଥିଲା । ବୈଠକକୁ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ କିଶୋର କୁମାର ବେହେରା ପରିଚାଳନା କରିଥିଲେ। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ଜିଲା ପରିଷଦ ସଦସ୍ୟାସଦସ୍ୟ, ଜିଲା ଯୋଜନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ରକ୍ତହୀନତା ମୁକ୍ତ ହେବ ୩ ବ୍ଲକ

ନବରଙ୍ଗପୁର,୫।୧୧(ବି.ପ୍ର.)

ରୋଗୀ କଲ୍ୟାଣ ସମିତି ଓ ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲାର ଝରିଗାଁ, ରାଇଘର ଓ ନନ୍ଦାହାଣ୍ଡି ବ୍ଲକକୁ ସମ୍ପୂର୍ଣ୍ଣ ରକ୍ତହୀନତା ମୁକ୍ତ ପାଇଁ ନୀତି ଆୟୋଗ ପକ୍ଷରୁ ୧ କୋଟି ୬ ଲକ୍ଷ, ୧୨ ହଜାର ୨୦୦ ଟଙ୍କାର ଏକ ଖର୍ଚ୍ଚ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଡିସେମ୍ବର ୧୦ରୁ ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହା ୨ ବର୍ଷ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

**୧ କୋଟି ୬ ଲକ୍ଷ୧୨ ହଜାର ଟଙ୍କା ଖର୍ଚ୍ଚ କରାଯିବ**

ଏଥିପାଇଁ କିଭଳି କାର୍ଯ୍ୟ ଖସଡା ପ୍ରସ୍ତୁତ ହେବ ସେ ସମ୍ପର୍କରେ ଆଲୋଚନା ଓ ମତାମତ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ସିଡିଏମ୍‌ଓ ଶୋଭାରାଣୀ ମିଶ୍ର, ରୋଗୀ କଲ୍ୟାଣ ସମିତିର ସୁଷମା ଜୈନ, ପ୍ରଭାତୀ ବିଷୋୟୀ, ସୋମନାଥ ବିଷୋୟୀ, ଖ୍ରୀଷ୍ଟିଆନ ହସ୍ପିଟାଲର ଡାକ୍ତର ସନ୍ତୋଷ ନାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ନିର୍ବାହୀଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନାରେ ମାମଲା ରୁଜୁ, ସନ୍ଦେହରେ ୨ ଅଟକ

କୋଡ଼ିଙ୍ଗା, ୫।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ପଞ୍ଚାୟତ ଦାନିଗୁଡା ଗାଁ ନିକଟ ମଲ୍ଲିକ ଫିଉଲ୍ ପେଟ୍ରୋଲ ଟାଙ୍କିରୁ ଲୁଟ୍ ଘଟଣାରେ ସ୍ଥାନୀୟ ପୋଲିସ ତନାଘନା ଆରମ୍ଭ କରିଛି। ବୁଧବାର ନବରଙ୍ଗପୁର ଏସ୍‌ପି ନୀତିନ କୁଶାଲକର ଓ ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସନ୍ଦେହରେ ୨ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ପ୍ରକାଶ ଯେ, ୩ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତେଲ ପକାଇବା ବାହାନାରେ ଟାଙ୍କିକୁ ଆସି ଫାଙ୍କା ଗୁଳି ଚାଳନାକରି ଫୁଏଲ ବଏଙ୍କ ନିକଟରେ ଥିବା ବ୍ୟାଗ୍ ଝାମ୍ପି ନେଇଥିଲେ। ଏନେଇ ପେଟ୍ରୋଲ ଟାଙ୍କି ମାଲିକ କୋଡିଙ୍ଗା ଥାନାରେ

**ବନ୍ଧୁକ ଦେଖାଇ ପେଟ୍ରୋଲ ପମ୍ପରୁ ଲୁଟ୍ ଘଟଣା**

ଏତଲା ଦେଇଥିଲେ। ପରେ ପୋଲିସ ୧୨୦/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଲ୍ଲିକ ଟାଙ୍କି ନିକଟସ୍ଥ ଭାରତ ପେଟ୍ରୋଲ ପମ୍ପରେ ଦୁର୍ବୃତ୍ତମାନେ ୧୫୦୦ ଟଙ୍କାର ତେଲ ପକାଇଥିବା ସୂଚନା ପାଇ ପୋଲିସ ସେଠାରେ ମଧ ତନାଘନା ଆରମ୍ଭ କରିଛି। ଭାରତ ପେଟ୍ରୋଲ ପମ୍ପରେ ଥିବା ସିସିଟିଭ ଫୁଟେଜ ସଂଗ୍ରହ କରି କୋଡିଙ୍ଗା ପୋଲିସ ଦୁଇଟି ଟିମ୍‌ରେ ତଦନ୍ତ ଚଳାଇଛି। ପେଟ୍ରୋଲ ଟାଙ୍କିରୁ ୧ଲକ୍ଷ ୪୮ ହଜାର ଟଙ୍କାଲୁଟ୍ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କୋଡିଙ୍ଗା ଥାନାଧିକାରୀ ସରିତା ମହାପାତ୍ର କହିଛନ୍ତି।

# କେନ୍ଦ୍ରୀୟ କୃଷିନୀତିକୁ ବିରୋଧକରି କଂଗ୍ରେସର ଧାରଣା

ମାଲକାନଗିରି,୫।୧୧(ଡି.ଏନ୍.ଏ.)


 କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା କଂଗ୍ରେସ କର୍ମକର୍ତ୍ତାମାନେ।

କେନ୍ଦ୍ରୀୟ କୃଷିନୀତିକୁ ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଗୁରୁବାର କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନକରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୦-୨୧ ପାଇଁ ଯେଉଁ କୃଷି ବିଲ୍ ଅଣାଯାଇଛି ତାହା କୃଷି ମାରଣ ଯୋଜନା ବୋଲି ଅଭିହିତ କରି ଏହାକୁ ରଦ୍ଦ କରିବା ଲାଗି କଂଗ୍ରେସ ଦାବି କରିଛି। ଏହି ବିଲ୍ ପ୍ରତ୍ୟାହାର ନ ହେବା ଯାଏ କଂଗ୍ରେସ ପକ୍ଷରୁ ଆଗାମୀ ୧୧ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦେଲେ ଦାବିପତ୍ର**

ସମ୍ମୁଖରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦଳର ଜିଲା ସଭାପତି ଗୋବିନ୍ଦ ପାତ୍ର ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଅଂଶୁମାନ ମହାପାତ୍ରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ଆଦିବାସୀ ନେତା ଭୀମା ବାର୍ସେ, ମାଥିଲି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରଥିଲେ।

# ଦେଢ଼ବର୍ଷ ପରେ ମିଳିଲା ହଜିଲା ବାଇକ୍

ପାପଡାହାଣ୍ଡି, ୫।୧୧, (ଡି.ଏନ୍.ଏ.)

ଦେଢ଼ ବର୍ଷ ତଳେ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତ କରିଛି। ଏଠହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ମଧ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଖାତିଗୁଡା ଥାନା ଅଧୀନ ପରଜାକଷ୍ଟିଗୁଡା ଗ୍ରାମର ବିଜୟ ସାନ୍ତା। ପ୍ରକାଶ ଯେ, ପାପଡାହାଣ୍ଡି ବ୍ଲକ ସୁନାଡଙ୍ଗରୀ ଗ୍ରାମର ସୋନୁ ଭତରାଙ୍କର ବାଇକ (ଓଡି-୨୪ବି-୦୩୭୭) ୨୦୧୯ ଫେବୃୟାରୀ ୨୫ରେ ଚୋରି ହୋଇଥିଲା। ଏ ନେଇ ସେ ପାପଡାହାଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏତେଦିନ ଧରି ଗାଡି ନ ମିଳିବାରୁ ସୋନୁ ଗୁରୁବାର ସ୍ଥାନୀୟ ହିରୋ ଶୋ ରୁମ୍‌କୁ ଏକ ନୂତନ ବାଇକ କିଣିବାକୁ ଆସିଥିଲେ। ସେ ସମୟରେ ଜଣେ ବ୍ୟକ୍ତି ତାଙ୍କ ପୁରଣା ବାଇକ ନେଇ ଯାଉଥିବା ଦେଖି ସୋନୁ ତାହାର ପିଛା କରିଥିଲେ। ଟିଙ୍ଗଡ଼ସର ଜଙ୍ଗଲ ପାଖରେ ବାଇକଟିକୁ ଅଟକାଇ ପାପଡାହାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ବାଇକ ଜବତ କରିବା ସହ ବିଜୟଙ୍କୁ ଗିରଫ କରିଛନ୍ତି। ଏ ନେଇ ୧୪୯/୨୦ରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସବ୍ ଇନ୍ସପେକ୍ଟର ସୁବାଷ କରକରା ସୂଚନା ଦେଇଛନ୍ତି।

# କର୍ତ୍ତୃପକ୍ଷ ପ୍ରତିନିଧି, ଆନ୍ଦୋଳନକାରୀଙ୍କ ଆଲୋଚନା

ଜୟପୁର,୫।୧୧(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ନିକଟସ୍ଥ ବିଲ୍ଟ କାଗଜକଳ ମୁଖ୍ୟଫାଟକ ସମ୍ମୁଖରେ ଗତ ମଙ୍ଗଳବାରଠାରୁ କର୍ମଚାରୀ ଓ ଶ୍ରମିକଙ୍କ ପକ୍ଷରୁ ଧାରଣା ଚାଲିଥିଲା। ଆନ୍ଦୋଳନକାରୀ କର୍ମଚରୀ ଭିତରକୁ କାହାକୁ ଛାଡୁ ନ ଥିଲେ। ଏନେଇ ଗୁରୁବାର ଜୟପୁର ସଦରଥାନା ଅଧିକାରୀ ଆଦିତ୍ୟ ମହାକୁରଙ୍କ ମଧ୍ୟସ୍ଥତାରେ ଥାନା ପରିସରରେ ଉଭୟ କାଗଜକଳ କର୍ତ୍ତୃପକ୍ଷ ପ୍ରତିନିଧି ଏବଂ ଆନ୍ଦୋଳନକାରୀ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ସ୍ଥାୟୀ କର୍ମଚାରୀ ଥିବା ୩୩୨ ଜଣ କର୍ମଚାରୀଙ୍କ ଚାକିରି ରହିଛି । ସମସ୍ତ କର୍ମଚାରୀଙ୍କୁ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟରେ ଯୋଗଦେବାକୁ ବିଜ୍ଞପ୍ତି ପ୍ରକାଶ କରାଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ପୂର୍ବ ୪ଟି ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା। ଗତ ୨୨ ମାସର ବକେୟା ଦରମା ମଧ୍ୟରୁ କିଛି

**ବିଲ୍ଟ କାଗଜକଳ ଶ୍ରମିକଙ୍କ ଧରଣା ପ୍ରସଙ୍ଗ**

ଅଗ୍ରିମ ଟଙ୍କା ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ମାତ୍ର କମ୍ପାନୀ ପକ୍ଷରୁ କୌଣସି ଟଙ୍କା ମିଳି ନ ଥିଲା। ତୁରନ୍ତ ପ୍ରତ୍ୟେକ ସ୍ଥାୟୀ କର୍ମଚାରୀଙ୍କୁ ୨୦ ହଜାର ଲେଖାଏ ଅଗ୍ରିମ ଟଙ୍କା ଦେବାକୁ ବୈଠକରେ ଆନ୍ଦୋଳନାକାରୀ କର୍ମଚାରୀ ଦାବି କରିଥିଲେ। ଏ ନେଇ ହାଇଦ୍ରାବାଦସ୍ଥିତ ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ଶୁକ୍ରବାର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ବୈଠକରେ କାରାଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ମାନବସମ୍ବଳ ଡିଜିଏମ ରମେଶ ଯାଦବ, ସହକାରୀ ମ୍ୟାନେଜର ଶକ୍ତି ମିଶ୍ର ଏବଂ ଆନ୍ଦୋଳନକାରୀ କର୍ମଚାରୀଙ୍କ ପକ୍ଷରୁ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସଭାପତି ବାଲା ରାୟ, କର୍ମଚାରୀ ବଂଶୀଧର ମହାକୁଡ, ଏନ. ସୁରେଶ କୁମାର, ଜୟନ୍ତ ଭଦ୍ରା, ପ୍ରହଲ୍ଲାଦ ମଲ୍ଲିକ, ମନୋଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଗୁଣପୁରରେ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ରାସ୍ତାରୋକୋ କରାଯାଇଛି ।

# ୨୬ରେ ଭାରତ ବନ୍ଦ ସଫଳ ପାଇଁ ଆହ୍ୱାନ

ମୁନିଗୁଡ଼ା,୫।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ପାତ୍ରଗଡ଼ା ପଞ୍ଚାୟତର ଭୁରୁସିଖିମାଠାରେ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ଜିଲା କମିଟି ପକ୍ଷରୁ ଶତବାର୍ଷିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରେଡ୍ ୟୁନିୟନର ସଂଯୋଜକ ବଳରାମ କୁସୁଲିଆଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ଅଖିଳ ଭାରତ ଟ୍ରେଡ୍ ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ

**ଏଆଇଟିୟୁସିର ଶତବାର୍ଷିକୀ କାର୍ଯ୍ୟକ୍ରମ**

ଜେନା, ମୁଖ୍ୟବକ୍ତା ରୂପେ ଜିଲା ସଭାପତି ଗଣେଶ ହିମିରିକା, ସମ୍ମାନିତ ଅତିଥିଭାବେ ଶ୍ରମିକ ସଙ୍ଗଠନର ନିରଞ୍ଜନ ପାତ୍ର, ପ୍ରମୋଦ ସାହୁକାର, ନରେନ୍ଦ୍ର ହିଆଲ, ଏଆଇକେଏମ୍‌ଏସ୍‌ର ଜିଲା ସଭାପତି ହରିବନ୍ଧୁ କାଡ୍ରାକାଙ୍କ ସମେତ ଅନ୍ୟ ନେତୃବୃନ୍ଦ ଯୋଗଦେଇ ପ୍ରଥମେ ଟ୍ରେଡ୍ ୟୁନିୟନର ପତାକା ଉତ୍ତୋଳନ କରିଥିଲେ। ପରେ ଟ୍ରେଡ୍ ୟୁନିୟନର ତ୍ୟାଗ, ସଂଘର୍ଷ ଓ ଗୌରବମୟ ପରମ୍ପରା ଉପରେ ଆଲୋଚନା କରାଯାଇଥିଲା। ଏହି ସମାରୋହରେ ଶ୍ରମିକ, ଟ୍ରେଡ୍ ୟୁନିୟନର ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମ ଆଇନ ପରିବର୍ତ୍ତନକୁ ବିରୋଧ କରିବା ସହ ୨୬ ତାରିଖରେ ମିଳିତ ଶ୍ରମିକ ସଙ୍ଗଠନ ତରଫରୁ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ କରାଯାଇଛି। କାର୍ଯ୍ୟକ୍ରମରେ ବହୁ ମହିଳା ଓ ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ।

# ଏଆଇକେଏମ୍ ପକ୍ଷରୁ ରାସ୍ତାରୋକୋ

## ନୂତନ କୃଷି ଆଇନ ପ୍ରତ୍ୟାହାର ଦାବି

ଗୁଣପୁର,୫।୧୧(ଡି.ଏନ୍.ଏ.)

ଅଖିଳ ଭାରତ କୃଷକ ମହାସଭା (ଏଆଇକେଏମ୍) ପକ୍ଷରୁ ୧୮ ଦଫା ଦାବିନେଇ ଗୁରୁବାର କେନ୍ଦ୍ର ସରକାରଙ୍କ କୃଷି ଅଧ୍ୟାଦେଶ ବିଲ୍ ବିରୋଧରେ ପ୍ରତିବାଦ କରାଯିବା ସହ ରାସ୍ତାରୋକ କରାଯାଇଥିଲା। ସିପିଆଇଏମ୍‌ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନୂତନ ବସ୍‌ଷ୍ଟାଣ୍ଡରୁ ବାହାରି ବାଇପାସ୍ ଛକରେ ପହଞ୍ଚିଥିଲା। ସେଠାରେ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ରାସ୍ତାରୋକୋ କରାଯାଇଥିଲା।

# ରୋଗୀ କଲ୍ୟାଣ ସମିତି ବୈଠକ

ଚନ୍ଦାହାଣ୍ଡି, ୫।୧୧(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ସମାଜିକ କର୍ମୀ ପୁରୁଷୋତ୍ତମ ପାରୀ, ତହସିଲଦାର ହୃଦାନନ୍ଦ ସିଂ ମାଝୀ, ବିଡିଓ ଧର୍ମରାଜ ମାଝି, ବିଇଓ ଭଜନଲାଲ ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ।

ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିପିଏମ୍ ସୁଦୀପ୍ତ କୁମାର ରାଉତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଜଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେସିନ ଏବଂ ଇସିଜି ବ୍ୟବସ୍ଥା କରିବାକୁ ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏହି ଅବସରରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନୂତନ ଗୃହ ଏବଂ ଥଣ୍ଡା ପାନୀୟ ଜଳ ଯୋଗାଇବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଡାକ୍ତର ମନୀଷ କୁମାର ପୁରୋହିତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘଞ୍ଚ ଜଙ୍ଗଲରେ ୪ ଦିନ ଧରି ତପସ୍ୟାରେ ବସିଛନ୍ତି ଯୁବତୀ

ଡାବୁଗାଁ/ଧୋଡ୍ରା/ଉମରକୋଟ, ୫।୧୧(ଡି.ଏନ୍.ଏ.)



ଆସ୍ଥାର ପାହାଡ଼ରେ ବିଶ୍ୱାସର ପରୀକ୍ଷା। ପୁଣି ଚର୍ଚ୍ଚାରେ ନବରଙ୍ଗପୁର ଜିଲା ପୋଡ଼ାଗଡ଼ ଶୈବପୀଠ। ଗତ କିଛିଦିନ ପୂର୍ବେ ପୋଡ଼ାଗଡ଼ ପାହାଡ଼ରୁ ପଥର ଖସିବାକୁ ନେଇ ଭବିଷ୍ୟତରେ କୌଣସି ଅଘଟଣ ଆଶଙ୍କାରେ ସ୍ଥାନୀୟ ଲୋକେ ଉକ୍ତ ପଥରକୁ ଭଗବାନ ଭାବି ପୂଜାର୍ଚ୍ଚନା କରିଥିଲେ। ଏବେ ଜଣେ ଯୁବତୀ ନିଜ ଶରୀରରେ ଭଗବାନ ଶିବଙ୍କ ପ୍ରବେଶ ଦାବିକରି ୪ଦିନ ହେବ ଧ୍ୟାନରେ ଅଖିଆ ଅପିଆ ରହିଛନ୍ତି। ୨୧ ଦିନ ଏଭଳି ରହିବେ ବୋଲି ଯୁବତୀ ଜଣଙ୍କ କହିଛନ୍ତି।

ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ପୋଡ଼ାଗଡ଼ ପାହାଡ଼। ଏଠାରେ ବାବା ଭୈରବ ପୂଜା ପାଉଛନ୍ତି। ଭବିଷ୍ୟତର କୌଣସି ଶୁଭ ଓ ଅଶୁଭ ସମ୍ପର୍କରେ ପାହାଡ ପୂର୍ବରୁ ସଙ୍କେତ ଦେଉଥିବା ଲୋକଙ୍କ ମନରେ ବିଶ୍ୱାସ ରହିଛି। ଏଥିପାଇଁ ନବରଙ୍ଗପୁର ସମେତ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼ରୁ ପୂଜାର୍ଚ୍ଚନା ପାଇଁ ଲୋକଙ୍କ ସୁଅ ଛୁଟିଥାଏ। ଏବେ ଜଣେ ଯୁବତୀ ୪ ଦିନ ସେଠାରେ ତପସ୍ୟା କରୁଛନ୍ତି। ତାଙ୍କ ଶରୀରରେ ଶିବ ଆବିର୍ଭାବ ହୋଇଥିବା ସେ କହିଛନ୍ତି। ପାଖରେ କେହି ନ ଥିବା ବେଳେ ମନରେ ହିଂସ୍ରଜନ୍ତୁଙ୍କ ଭୟ ନାହିଁ। ୨୧ ଦିନ ଧ୍ୟାନ କରିବେ ବୋଲି ଯୁବତୀ ଜଣକ କହିଛନ୍ତି। ଯୁବତୀଙ୍କ ନିକଟକୁ ଭୟରେ କେହି ଯାଉ ନ ଥିବା ବେଳେ ଦୂରରୁ ଲୋକେ ତାଙ୍କୁ ଭଗବାନ ଭାବି ପୂଜାର୍ଚ୍ଚନା କରୁଛନ୍ତି।

# ନିର୍ମାଣ ଶ୍ରମିକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରାଯାଉ

ନବରଙ୍ଗପୁର,୫।୧୧(ବି.ପ୍ର.)


ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ଏନ୍.କେ. ନାୟକଙ୍କୁ ୨୨ଦଫା ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍ ସମୟରେ ଶ୍ରମିକମାନେ ଜୀବିକା ହରାଇଛନ୍ତି। ଏହିଭଳି ପରିସ୍ଥିତିରେ ଓଡ଼ିଶା ସରକାର ବିଦ୍ୟୁତ୍ ୟୁନିଟ ପିଛା ୨୦ପଇସା ବୃଦ୍ଧି କରିଛନ୍ତି। ତାହା ପ୍ରତ୍ୟାହାର କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବିଦ୍ୟୁତ୍ ଶ୍ରମିକଙ୍କୁ କରୋନା ଯୋଦ୍ଧା ଘୋଷଣା ନ କରିବା, ତାଙ୍କ ପରିବାରଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର କ୍ଷତି ପୂରଣର ନ ଦେବାକୁ ସଂଘ ପକ୍ଷର ନିନ୍ଦା କରାଯାଇଥିଲା । ଏଥିସହ ଶ୍ରମ ଆଇନରେ ପରିବର୍ତ୍ତନ, ରେଲୱେ, କୋଲ୍, ବ୍ୟାଙ୍କ ଓ ପ୍ରତିରକ୍ଷା ଶିଳ୍ପ ଘରୋଇକରଣ ବନ୍ଦ କରିବାକୁ ଦାବି କରାଯାଇଛି। ନିର୍ମାଣ ଶ୍ରମିକଙ୍କୁ ୬ ହଜାର ଟଙ୍କା ଲେଖାଏ ରାଜ୍ୟ ସରକାର ଯୋଗାଇ ଦିଅନ୍ତୁ। ସେମାନଙ୍କ ପଡିରହିଥିବା ନାମ ପଞ୍ଜୀକରଣ, ନବୀକରଣ, ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ନିର୍ମାଣ ଶ୍ରମିକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ କୃଷି ଆଇନକୁ ବାତିଲ, ସମସ୍ତ ପ୍ରବାସୀ ଶ୍ରମିକଙ୍କୁ କାମ ଓ ସର୍ବନିମ୍ନ ମଜୁରି ୨୧୦୦ ଟଙ୍କା ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ ଯୋଗୁ ନିଯୁକ୍ତି ସଂଖ୍ୟା ହ୍ରାସ ପାଇବା ସହ କର୍ମଚାରୀଙ୍କ

**ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୨୨ ଦଫା ଦାବିପତ୍ର**

ଉପରେ ଚାପ ସୃଷ୍ଟି ହେଉଛି। ତେଣୁ ଆସନ୍ତା ୨୬ ତାରିଖରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଆହ୍ୱାନ ଦିଆଯାଇଛି। ଏହାକୁ ସମର୍ଥନ କରନ୍ତୁ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ବିଦ୍ୟୁତ୍ ଶ୍ରମିକ ସଂଗଠନ ସଭାପତି ରାମ ରଥ ଓ ସାଧାରଣ ସମ୍ପାଦକ ଗଗନ ରାମ ସ୍ୱାଇଁ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ବିଘ୍ନରାଜ ନାୟକ, ସମ୍ପାଦକ ସନାଧର ଚଲାଣ, ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀ ମୁଦୁଲି, ବିପିନ କୁମାର କର୍କରା, ହିଲା ସରକାର, କୈଳାସ ଚନ୍ଦ୍ର ନାୟକ, ମଦେଇ ହରିଜନ ଓ ନୃପ ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

